# DIRECTORATE OF EXTENSION EDUCATION
## ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
**ODISHA UNIVERSITY OF AGRICULTURE AND TECHNOLOGY**
**Bhubaneswar, Pin - 751003**

---

ତା.୦୮.୦୪.୨୦୨୬

ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ହେଉଥିବା କାଳବୈଶାଖୀ ଏବଂ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଯୋଗୁଁ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ୦୮.୦୪.୨୦୨୬ ରୁ ୨୦.୦୪.୨୦୨୬ ତାରିଖ ମଧ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ଘଡ଼ଘଡ଼ି ସହ ବର୍ଷା ଓ କରକାପାତ ହେବାର ସମ୍ଭାବନା ଥିବାରୁ ବିଭିନ୍ନ ଫସଲର ସୁପରିଚାଳନା ପାଇଁ ନିମ୍ନୋକ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ।

- ଅଧିକ ବର୍ଷା ହେଲେ ବିଲରେ ଥିବା ଡାଲୁଅ ଧାନ, ମୁଗ ଓ ବିରି ଭଳି ଡାଲି ଜାତୀୟ ଫସଲ, ସୂର୍ଯ୍ୟମୁଖୀ ଓ ଚିନାବାଦାମ ଭଳି ତୈଳବୀଜ ଫସଲ, ବାଇଗଣ, ଲଙ୍କା, ଭେଣ୍ଡି, କଖାରୁ ଜାତୀୟ ପନିପରିବା ଓ ବିଭିନ୍ନ ଫୁଲଚାଷ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ଡାଲୁଅ ଧାନ ଅମଳ ସାପେକ୍ଷ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ।
- ଜମିରେ ଥିବା ଅମଳ ଉପଯୋଗୀ ମୁଗ, ବିରି, ସୂର୍ଯ୍ୟମୁଖୀ ଓ ଚିନାବାଦାମ ଫସଲକୁ ଅମଳ କରିଦିଅନ୍ତୁ । ନଚେତ୍ ଚିନାବାଦାମ ମଞ୍ଜି ଗଛରେ ଥାଇ ଗଜା ହୋଇଯିବାର ସମ୍ଭାବନା ଅଛି ।
- କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ ।
- ପନିପରିବା ତୋଳିବା ଅବସ୍ଥାରେ ଥିଲେ ସେଗୁଡ଼ିକୁ ତୋଳି ଦେଇ ବିକ୍ରିବଟା କରି ଦିଅନ୍ତୁ ।
- ପିଆଜ ଓ ରସୁଣ ଅମଳ ସାପେକ୍ଷ ହୋଇଯାଇଥିଲେ, ଏହାକୁ ଆଦାୟ କରି ଖେଳେଇ କରି ଶୁଖାନ୍ତୁ ।
- ଝିପିଝିପି ବର୍ଷା ଯୋଗୁଁ ଲଟା ଜାତୀୟ ପନିପରିବା ଫସଲରେ ଶୋଷକ କୀଟ ଲାଗି ଅଗ ଭୃଷୁଙ୍ଗା ହୋଇଯିବାର ସମ୍ଭାବନା ଅଛି । ଠିକ୍ ଭାବରେ ଫସଲ ନିରୀକ୍ଷଣ କରି ଏହାର ନିରାକରଣ ପାଇଁ ଏକର ପ୍ରତି ୪୦ ଗ୍ରାମ୍ ଥାୟୋମେଥୋକ୍ଜାମ୍ କିମ୍ବା ୫୦ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ବର୍ଷା ପରବର୍ତ୍ତୀ ସମୟରେ ବାଇଗଣ, ଭେଣ୍ଡି ଓ ଲଙ୍କା ପ୍ରଭୃତି ପନିପରିବାରେ ମୂଳସଢ଼ା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ୍ ମିଶ୍ରିତ ଔଷଧ ମିଶାଇ ମାଟି ଭିଜା କରନ୍ତୁ ।
- କଖାରୁ ଜାତୀୟ ଫସଲରେ ବର୍ଷା ପରବର୍ତ୍ତୀ ସମୟରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଦେଖାଦେଇପାରେ । ଏହି ରୋଗକୁ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ୍ ମିଶ୍ରିତ ଔଷଧ କିମ୍ବା ୦.୬ ଗ୍ରାମ୍ ଆଜୋକ୍ସିଷ୍ଟ୍ରୋବିନ୍ + ଟେବୁକୋନାଜୋଲ୍ ମିଶ୍ରିତ ଔଷଧ ମିଶାଇ ୧୦ ଦିନ ଅନ୍ତରରେ ୨ ରୁ ୩ ଥର ଅଦଳ ବଦଳ କରି ସିଂଚନ କରନ୍ତୁ ।

- ଝୁଡ଼ଙ୍ଗରେ କଳଙ୍କି ରୋଗ ଦେଖାଯିବା ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କ୍ଲୋରୋଥାଲାନିଲ୍ ମିଶାଇ ସିଂଚନ କରନ୍ତୁ ।
- ବର୍ଷାଜଳକୁ ଉପଯୋଗ କରି ଖରାଟିଆ ଚାଷ କରି ଜମି ପ୍ରସ୍ତୁତ କରନ୍ତୁ ।
- ଖରାଟିଆ ଶାଗ ଓ ନଳିତା ବୁଣାବୁଣି କାର୍ଯ୍ୟ କରନ୍ତୁ ।
- ଖରିଫ ଫସଲ ପାଇଁ ବିହନ, ସାର ଇତ୍ୟାଦି ସଂଗ୍ରହ କରି ରଖନ୍ତୁ ।

**ବି.ଦ୍ର.: ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଆଂଚଳିକ କୃଷି ଗବେଷଣା କେନ୍ଦ୍ର, କୃଷି ଅଧିକାରୀ ଓ ସମ୍ପୃକ୍ତ କୃଷି ଦେୟମୁକ୍ତ ନମ୍ବର ୧୫୫୩୩୩ ସହ ଯୋଗାଯୋଗ କରନ୍ତୁ ।**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**